# ଭଙ୍ଗା ଘରେ ଅଙ୍ଗନୱାଡି ଶିଶୁଙ୍କ ପାଠପଢ଼ା

ପଟ୍ଟାମୁଣ୍ଡାଇ,୧୪।୮
(କଳ୍ପତରୁ ନାୟକ)

ସରକାର ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ପ୍ରାକ୍ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଶିଶୁଙ୍କୁ ଆକୃଷ୍ଟ କରିବାକୁ ସରକାର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଖେଳନାଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ ପ୍ରଦାନ କରୁଛନ୍ତି। ସରକାର ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ଶୌଚାଳୟ, ରୋଷେଇ ଗୃହ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ, ପାଚେରି, ଉଦ୍ୟାନ ଆଦିର ବ୍ୟବସ୍ଥା କରିଛନ୍ତି। ପଟ୍ଟାମୁଣ୍ଡାଇ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା ସମୁଦାୟ ୨୭୮ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୩୯ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେଥିମଧ୍ୟରୁ ଖଡିଅଣ୍ଟା ପଞ୍ଚାୟତ ଆମ୍ବେର ନଳଢ଼ଳିଆ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଅନ୍ୟତମ। ଏହି ଅଙ୍ଗନୱାଡି କେନ୍ଦ୍ରରେ ନିଜସ୍ୱ ଗୃହ ନ ଥିବାରୁ ଅତି ଦୟନୀୟ ସ୍ଥିତିରେ ଶିଶୁଙ୍କ ପାଠପଢ଼ା ଚାଲୁଥିବା ନେଇ ସାଧାରଣରେ ମତପ୍ରକାଶ ପାଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରଣୟନକୁ ୪୮ବର୍ଷ ବିତି ଯାଇଥିଲେ ମଧ୍ୟ ଆମ୍ବେର ଗ୍ରାମରେ ଏହାର ଭିତ୍ତିଭୂମି ଚିନ୍ତାଜନକ ସ୍ଥିତିରେ ଅଛି। ଭଙ୍ଗା ଦଦରା ଆମ୍ବେର କ୍ଲବ ଘରେ ବିପଦ ସଙ୍କୁଳ ଅବସ୍ଥାରେ ଶିଶୁଙ୍କ ପାଠପଢ଼ା ଚାଲିଛି। କ୍ଲବ ଘରେ ବର୍ଷାଦିନେ ପାଣି ଗଳୁଥିବାରୁ ତାହା ଉପରେ ଓ ତଳେ ପଲିଥିନ ପକାଇ ଶିଶୁମାନଙ୍କୁ ଶିକ୍ଷାଦାନ କରାଯାଉଛି। ମାତ୍ର ଅଙ୍ଗନୱାଡି ଘର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲେ ମଧ୍ୟ କାର୍ଯ୍ୟାଦେଶ ମିଳି ନ ଥିବାରୁ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ କର୍ମୀ ଜଣକ ବାଧ୍ୟ ହୋଇ ପିଲାମାନଙ୍କୁ ଭଙ୍ଗା ଘରେ ପାଠ ପଢାଉଛନ୍ତି। ଚାରିଆଡେ ଉଇହୁଙ୍କା ମାଡ଼ି ଥିବାବେଳେ, କାନ୍ଥ ଦୁର୍ବଳ ହୋଇ ଫାଟି ଆଁ କରିଛି। କେତେବେଳେ ଯେ, ଦୁର୍ଘଟଣା ନ ଘଟିବ ତାହା କହିହେବ ନାହିଁ ବୋଲି ଅଭିଭାବକ ବଙ୍ଗାଳି ମଳିକ, ଜଗଦେବ ମଳିକ, ବୀରେନ ମଳିକ, ନାୟା ମଳିକ, ଦଉହରି ମଳିକ କହିଛନ୍ତି। ଏଠାରେ ନାଁ ଅଛି ଛୁଆଙ୍କ ପାଇଁ ପାଣିର ବ୍ୟବସ୍ଥା ନା ରୋଷେଇ ଘର। ନାହିଁ ଆଖପାଖରେ ନଳକୂଳ। ମାତ୍ର ସୁପରଭାଇଜର କେବେ ଏ ବିଷୟରେ ଚିନ୍ତା କରୁନାହାନ୍ତି କି ଏଠାକୁ ପରିଦର୍ଶନରେ ଆସୁନାହାନ୍ତି ବୋଲି ସେମାନେ କହିଛନ୍ତି। ଏପରିକି ବର୍ଷା ଋତୁ ଆସିଲେ ଭଙ୍ଗା ଆଜବେଷ୍ଟସରୁ ପାଣି ପଡୁଥିବା ବେଳେ ଶିଶୁଙ୍କୁ କିପରି ପାଠ ପଢାଇବେ ତାକୁ ନେଇ ଚିନ୍ତାରେ ଅଙ୍ଗନୱାଡି କର୍ମୀ ଥିବା ବେଳେ ସୁପରଭାଇଜରଙ୍କର କେବେବି ଦେଖା ମିଳୁନାହିଁ।

ଦୀର୍ଘଦିନ ହେବ ନଳଢଳିଆ ଅଙ୍ଗନୱାଡି କେନ୍ଦ୍ରର ଗୃହ ନ ଥିବା ବେଳେ କର୍ମୀ ଗ୍ରାମର ଶ୍ରୀହନୁମାନ ମନ୍ଦିର ରୋଷ ଘରେ ଶିକ୍ଷାଦାନ କରାଉଛନ୍ତି। ୨୦୧୭ ମସିହାରେ ପଟ୍ଟାମୁଣ୍ଡାଇ ବିଡିଓ ନଳଢଳିଆରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣ କରିବାକୁ ୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିଲେ। ମାତ୍ର ଜାଗା ଚିହ୍ନଟ ହୋଇ ନ ପାରିବାରୁ ଅଙ୍ଗନୱାଡି ଗୃହ ନିର୍ମାଣ ହୋଇପାରିନାହିଁ। ଫଳରେ ଆଜି ପର୍ଯ୍ୟନ୍ତ ପିଲା ଠାକୁର ଘରେ ବସି ଅଧ୍ୟୟନ କରି ଆସୁଛନ୍ତି। ସେଠାରେ ଅଣ୍ଡା କିମ୍ବା କୌଣସି ରୋଷେଇ ଖାଦ୍ୟ ଦିଆଯାଉନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ଏ ସମ୍ପର୍କରେ ସିଡିପିଓ ଲକ୍ଷ୍ମୀମଣି ସିଂଙ୍କୁ ପଚାରିବାରେ ଏପରି ଅବ୍ୟବସ୍ଥା ଭିତରେ କେନ୍ଦ୍ର ଚାଲୁଥିବା ଖବର ପାଇଲି। ସୁପରଭାଇଜରଙ୍କୁ ପଠାଇ ସମାଧାନ କରାଇବି ବୋଲି ସେ କହିଛନ୍ତି।


ଆମ୍ବେର କ୍ଲବ ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି ।

# ୯୧ ଆଟେଣ୍ଡାଣ୍ଟ ପଦବୀରୁ ୬୧ ଖାଲି

ଜଗତ୍‌ସିଂହପୁର, ୧୪।୮
(ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ**

ଗୋ ପାଳନ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲ୍ଲାର ସୁନାମ ରହିଛି। ଯେଉଁ କାରଣରୁ ଏହି ଜିଲ୍ଲା ସନ୍ତୋଷଜନକ ଦୁଗ୍ଧ ଉତ୍ପାଦନ କରି ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କେବଳ ଗୋପାଳନ ନୁହେଁ, ଅନ୍ୟ ପ୍ରାଣୀ ସମ୍ପଦରେ ମଧ୍ୟ ଜିଲ୍ଲା ପଛରେ ପଡିନାହିଁ। ଦୁଃଖର କଥା ହେଲା ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ଗେଜେଟେଡ୍ ଅଫିସର, ଏଲ୍ଆଇ (ଲାଇଭଷ୍ଟକ ଇନ୍ସପେକ୍ଟର) ଓ ସହାୟକ (ଆଟେଣ୍ଡାଣ୍ଟ) ପଦବୀ ପୂରଣ ହୋଇ ପାରିନାହିଁ। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଗେଜେଟେଡ୍ ଅଫିସର ଯଥା ସିଡିଭିଓ, ଏଡିଭିଓ, ଏସ୍‌ଡିଭିଓ, ବିଭିଓ, ଭିଏଏସ୍ ଓ ଏଭିଏଏସ୍ ଅନୁମୋଦିତ ପଦବୀ ସଂଖ୍ୟା ୪୪ ଥିବାବେଳେ ସେଥିମଧ୍ୟରୁ ୧୨ଟି ଖାଲି ପଡିଛି। ସେହିପରି ୧୩୫ ଏଲ୍ଆଇ ପଦବୀ ମଧ୍ୟରୁ ୪୭ଟି ଖାଲି ରହିଛି। ସବୁଠାରୁ ଅଧିକ ସହାୟକ (ଆଟେଣ୍ଡାଣ୍ଟ) ପଦବୀ ଖାଲି ପଡିଛି। ଜିଲ୍ଲାରେ ୯୧ଟି ସହାୟକ ପଦବୀ ଥିବାବେଳେ ସେଥିମଧ୍ୟରୁ ୬୧ଟି ଖାଲି ପଡିବା ଚିନ୍ତାର କାରଣ ହୋଇଛି। ମିନିଷ୍ଟ୍ରିଆଲ ଷ୍ଟାଫରେ ୭ ପଦବୀ ମଧ୍ୟରୁ ୪ଟି ଖାଲି ରହିଛି। ଏସବୁ ଦେଖିଲେ ଜିଲ୍ଲାରେ ପ୍ରାଣୀ ସେବା କିପରି ମିଳୁଛି ତାହା ସହଜେ ଅନୁମେୟ।

ସୂଚନା ଅନୁଯାୟୀ, ଜିଲ୍ଲାର ୮ଟି ବ୍ଲକ ଅଞ୍ଚଳରେ ୮ଟି ପ୍ରାଣୀ ଚିକିତ୍ସାଳୟ ରହିଛି। ପ୍ରତି ଚିକିତ୍ସାଳୟରେ ଏକାଧିକ ଭିଏଏସ୍‌ଙ୍କ ସମେତ ଜଣେ ପିଅନ ଓ ଜଣେ ଚୌକିଦାର ବ୍ୟବସ୍ଥା କରାଯାଇଛି। ପ୍ରତି ଚିକିତ୍ସାଳୟରେ ପିଅନ ଓ ଚୌକିଦାର ଥିବାବେଳେ ଭିଏଏସ୍ କିନ୍ତୁ ନାହାନ୍ତି। ତଥ୍ୟ ଅନୁଯାୟୀ, ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ଥିବା ଚିକିତ୍ସାଳୟରେ ମୋଟ ୬ଟି ଭିଏଏସ୍ ପଦବୀ ଥିବାବେଳେ ସେଥିମଧ୍ୟରୁ ୩ଟି ଖାଲି ପଡିଛି। ସେହିପରି ନାଉଗାଁ ବ୍ଲକ ଅଞ୍ଚଳରେ ଥିବା ଚିକିତ୍ସାଳୟରେ ୧, ରଘୁନାଥପୁରରେ ୧, ବିରିଡ଼ିରେ ୨ ଓ ତିର୍ତ୍ତୋଲରେ ୨ଟି ଭିଏଏସ୍ ପଦବୀ ଖାଲି ରହିଛି। ଅନୁରୂପ ଭାବେ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ମୋଟ ୧୧୭ଟି ଲାଇଭଷ୍ଟକ୍ ଏଡ୍ ସେଣ୍ଟର (ଏଲ୍ଏସି) ରହିଛି। ଯେଉଁଠି ଏକାଧିକ ଏଲ୍ଆଇ ଓ ସହାୟକ ରହିବା ବ୍ୟବସ୍ଥା କରାଯାଇଛି। ଏଲ୍ଏସିଗୁଡିକ କଥା ଦେଖିଲେ ଜଣାଯାଏ ଜଗତ୍‌ସିଂହପୁର ବ୍ଲକରେ ଥିବା ୨୦ଟି କେନ୍ଦ୍ରରେ ୨୦ଟି ଏଲ୍ଆଇ ପଦବୀ ରହିଛି। ସେଥିମଧ୍ୟରୁ ୮ଟି ଏ ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ସେହିପରି ବାଲିକୁଦା ବ୍ଲକ ଅଞ୍ଚଳରେ ଥିବା ୧୬ଟି ଏଲ୍ଏସିରେ ୧୬ଟି ଏଲ୍ଆଇ ପଦବୀ ଥିବାବେଳେ ସେଥିମଧ୍ୟରୁ ୬ଟି, ନାଉଗାଁରେ ୧୦ଟି ଏଲ୍ଏସିର ୧୦ଟି ଏଲ୍ଆଇ ମଧ୍ୟରୁ ୩ଟି, ରଘୁନାଥପୁରରେ ୧୨ଟି ଏଲ୍ଏସିର ୧୨ଟି ଏଲ୍ଆଇ ମଧ୍ୟରୁ ୩ଟି, ବିରିଡ଼ିରେ ୧୨ଟି ଏଲ୍ଏସିର ୧୨ଟି ଏଲ୍ଆଇ ମଧ୍ୟରୁ ୨ଟି, ଏରସମାରେ ୧୩ଟି ଏଲ୍ଏସିର ୧୩ଟି ଏଲ୍ଆଇ ମଧ୍ୟରୁ ୧, କୁଜଙ୍ଗରେ ୧୭ଟି ଏଲ୍ଏସିର ୧୭ ଏଲ୍ଆଇ ମଧ୍ୟରୁ ୬ ଓ ତିର୍ତ୍ତୋଲରେ ୧୭ଟି ଏଲ୍ଏସିରେ ୧୭ ଏଲ୍ଆଇ ପଦବୀରୁ ୩ଟି ଖାଲିପଡିଛି। ସହାୟକ ପଦବୀ ମଧ୍ୟ ପୂରଣ କରାଯାଉନାହିଁ। ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ୨୦ଟି ଏଲ୍ଏସିରେ ୨୦ଟି ସହାୟକ ପଦବୀ ଥିବାବେଳେ ସେଥିମଧ୍ୟରୁ ୧୫ଟି ଖାଲି ପଡିଛି। ଅନୁରୂପ ଭାବେ ବାଲିକୁଦା ବ୍ଲକ ଅଞ୍ଚଳରେ ୧୬ ସହାୟକ ପଦବୀରୁ ୧୩, ନାଉଗାଁ ୧୦ରୁ ୬, ରଘୁନାଥପୁର ୧୨ରୁ ୯, ବିରିଡ଼ି ୧୨ରୁ ୬, ଏରସମା ୧୩ରୁ ୧୧, କୁଜଙ୍ଗ ୧୭ରୁ ୧୦ଟି ସହାୟକ ପଦବୀ ଖାଲି ପଡିଛି। ଏଥିରୁ ସ୍ପଷ୍ଟ ସରକାର କେବଳ ଔପଚାରିକତା ପାଇଁ ପଦବୀ ସୃଷ୍ଟି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ଚାଷୀ ପ୍ରତିକ୍ରିୟାରେ କହିଛନ୍ତି, ଧାନ ଓ ପ୍ରାଣୀ ପାଳନ ଜିଲ୍ଲାବାସୀଙ୍କ ଜୀବିକାର ମୁଖ୍ୟ ମାଧ୍ୟମ। ଏ କ୍ଷେତ୍ରରେ ଲୋକେ ସରକାରଙ୍କ ଅପେକ୍ଷା ଅଧିକ ଦାୟିତ୍ୱବାନ। ତାହା ହୋଇ ନ ଥିଲେ ଏତେ ସଂଖ୍ୟକ ପଦବୀ ଖାଲି ସତ୍ତ୍ୱେ ଜଗତ୍‌ସିଂହପୁର ଜିଲ୍ଲା ପ୍ରାଣୀ ପାଳନରେ ରାଜ୍ୟରେ ଆଗରେ ନ ଥାନ୍ତା। ତେଣୁ ସରକାର ଏହି ପଦବୀ ପୂରଣ କଲେ ଜିଲ୍ଲାବାସୀ ଅଧିକ ଲାଭବାନ ହୋଇପାରିବେ। ଅନ୍ୟପକ୍ଷେ ଜିଲ୍ଲାରେ ବିଭିନ୍ନ ଯୋଜନା ବାଟବଣା ହେଉଛି। ଏ କ୍ଷେତ୍ରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଦାୟିତ୍ୱବାନ ହୋଇପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଦାବି ହେଉଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ଡ. କୈଳାସ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ପଦବୀ ଖାଲି ଯୋଗୁ କାମ କରିବାରେ ବାଧା ଉପୁଜୁଛି। ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା ଚାଲିଛି ବୋଲି ସେ କହିଛନ୍ତି।

# ନକଲି ମଦ ସହ ବଢୁଛି ବ୍ରାଉନସୁଗାର କାରବାର

କେନ୍ଦ୍ରାପଡ଼ା,୧୪।୮
(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲ୍ଲାରେ ନିଶା କାରବାରକୁ ରୋକି ହେଉନାହିଁ। ୪ ମାସ ମଧ୍ୟରେ ସହର ଥାନା ସମେତ ଜିଲ୍ଲାର ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ସଦର ଥାନା, ଚାନ୍ଦୋଳ ଫାଣ୍ଡି ଅଞ୍ଚଳରୁ ବ୍ରାଉନସୁଗାର ଓ ବେଆଇନ ମଦ ଜବତ ହୋଇଛି। କେବଳ ମଦ ଓ ବ୍ରାଉନସୁଗାର ନୁହେଁ, ଗଞ୍ଜେଇ, ଚରସ, ହେରୋଇନ ଆଦି କବଳରେ ଜିଲ୍ଲାର ଯୁବବର୍ଗ ଆସକ୍ତ ହୋଇ ପଡିଛନ୍ତି। ନିଶା ଜାଲରେ ପଡ଼ି ଅଧିକାଂଶ ଯୁବବର୍ଗ ଛଟପଟ ହେଉଛନ୍ତି। ଜାତୀୟ ଉଦ୍ୟାନ ଅଞ୍ଚଳ ଏଥିପାଇଁ ଅସୁରକ୍ଷିତ ହୋଇପଡିଛି। ବେଆଇନ ଭାବେ ନିଶା କାରବାର ଯୁବବର୍ଗଙ୍କୁ ଅପରାଧ ଆଡକୁ ଟାଣିନେଉଛି। ଜିଲ୍ଲା ଓ ପୋଲିସ ପ୍ରଶାସନ ସହିତ ଅବକାରୀ ବିଭାଗ ଏଥିପ୍ରତି ସତର୍କ ଦୃଷ୍ଟି ନ ରଖିଲେ ଆଗକୁ ପରିଣତି ଭୟଙ୍କର ହେବ ବୋଲି ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ରାଜନଗରର ପ୍ରଭାକର ସାମଲ କହିଛନ୍ତି, ସହରରେ ବ୍ରାଉନସୁଗାର କାରବାର ଚାଲିଥିବା ବେଳେ ଉପାନ୍ତ ଅଞ୍ଚଳରେ ରନ୍ଧା ଦେଶୀ ମଦ ଏକ କୁଟୀର ଶିଳ୍ପ ହୋଇଛି। ଖରିନାସୀ, ମହାକାଳପଡ଼ାରେ ଏପରି ରନ୍ଧା ମଦ କାରବାରକୁ ଅବକାରୀ ପୋଲିସ ପୂର୍ବରୁ ଲୋକଲୋଚନକୁ ଆଣିସାରିଛି। ରାଜନଗରର ଓସ୍ତିଆ, ସନ୍ଥପଡା, ଗୋବିନ୍ଦପୁର, ସନ୍ଥପଡା, ଦାଣ୍ଡିକଣ୍ଠିଆ ଅଞ୍ଚଳରେ ଏହି ନିଶା କାରବାର ପ୍ରଭାବ ବିସ୍ତାର କରିଛି। କେବଳ ରାଜନଗର, ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଏହି ବେଆଇନ ମଦ କାରବାର ଚାଲିଛି। କେବଳ ଉପରୋକ୍ତ ଅଞ୍ଚଳ ନୁହେଁ ସମଗ୍ର ଜିଲ୍ଲାରେ ବେଆଇନ ନିଶା କାରବାର ଚାଲିଛି। ମହାକାଳପଡ଼ାର ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ନିଶା କାରବାରକୁ ଏହି ଜିଲ୍ଲାର ଅନୁପ୍ରବେଶକାରୀ ବେଶୀ ପ୍ରୋତ୍ସାହିତ କରୁଛନ୍ତି। ଜାତୀୟ ଉଦ୍ୟାନ ଅଞ୍ଚଳ ଏମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି। ଏଠାରେ ରହି ବିଦେଶରୁ ଗଞ୍ଜେଇ, ବ୍ରାଉନସୁଗାର ଆଦି ଆଣି ସମଗ୍ର ଜିଲ୍ଲା ଓ ଜିଲ୍ଲା ବାହାରକୁ ପଠାଉଛନ୍ତି। ଜାତୀୟ ଉଦ୍ୟାନ ଅଞ୍ଚଳରେ ଅବକାରୀ, ପୋଲିସ ଅଥବା ବନ ବିଭାଗ ପକ୍ଷରୁ ଏନେଇ ଧରପଗଡ଼ ନାହିଁ। ଏହାର ସୁଯୋଗ ସେମାନେ ନେଉଛନ୍ତି। ଅର୍ଥ ପାଇଁ ଜିଲ୍ଲାରେ ଚୋରି, ଲୁଟ୍‌ତରାଜ ସହ ଜଙ୍ଗଲ ଜମିରୁ ଗଛ କାଟି ବିକ୍ରି କରିବା, ଘର ପାଇଁ ଜମି ଜବରଦଖଲ କରିବା ଆଦି ଘଟଣା ଦେଖିବାକୁ ମିଳୁଛି। ସାମାଜିକ କର୍ମୀ ଡା. ପିଏନ ଗୌରାଙ୍ଗ କହିଛନ୍ତି, ଯୁବବର୍ଗ ଆମ ଦେଶର ନବ ନିର୍ମାତା। ଏମାନଙ୍କ ଶିକ୍ଷା, ଦୀକ୍ଷା ଦେଶର ଭବିଷ୍ୟତକୁ ଗଢ଼ି ତୋଳିବ। ଏପରି ଆଶା ଆମେ ରଖିଥିବା ବେଳେ କେନ୍ଦ୍ରାପଡ଼ାର ଯୁବବର୍ଗଙ୍କୁ ନିଶା ଜାଲରେ ଧରିବା ପାଇଁ ବ୍ୟବସାୟୀ ତତ୍ପର ହୋଇ ଉଠିଛନ୍ତି। ବାଲେଶ୍ୱର, ଜଳେଶ୍ୱରରୁ ବ୍ରାଉନସୁଗାର ଆସି ବିକ୍ରି ହେଉଥିବା ଓ ଯୁବକମାନେ ଏଥିରେ ଆସକ୍ତି ପ୍ରକାଶ କରୁଥିବା ଘଟଣା ଏବେ ବହୁଳ ଭାବେ ଦେଖିବାକୁ ମିଳୁଛି। ଏହି ଜିଲ୍ଲାର ଅର୍ଥନୀତି ବହୁତ ଦୁର୍ବଳ। ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦି ନିଶା କାରବାରରେ ସଂପୃକ୍ତ ହେବା ପରେ ଏହାର ଚାହିଦା ପାଇଁ ଲୁଟତରାଜ, ଚୋରି, ମର୍ଡର ପରି ଘଟଣାରେ ଯୁବବର୍ଗ ଛନ୍ଦି ହୋଇଗଲେଣି। ଏଥିରୁ ନିବୃତ୍ତି ପାଇଁ କୌଣସି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଉନାହିଁ। ଏହାବ୍ୟତୀତ ଜିଲ୍ଲାରେ କର୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହେଲେ ଯୁବବର୍ଗ ଏହି ଅପରାଧିକ ଦୁନିଆରେ ପାଦ ଥାପିବେ ନାହିଁ ବୋଲି ସାମାଜିକ କର୍ମୀ ଡା. ଗୌରାଙ୍ଗ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ର କହିଛନ୍ତି, ବେଆଇନ ନିଶା କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପୋଲିସ ଓ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିମାସରେ ଏସମ୍ପର୍କରେ ସମୀକ୍ଷା କରାଯାଇ ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଜନା କରାଯାଉଛି।

# ନୀଳାଚଳ-ଖୁରୁଷିଆ ମୁଖ୍ୟ ରାସ୍ତାରେ ଅସଂଖ୍ୟ ଗାତ

ମହାକାଳପଡ଼ା,୧୪।୮
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ପାରାଦୀପ-ଚଣ୍ଡିଖୋଲ ୫୩ନଂ.ଜାତୀୟ ରାଜପଥ ସଂଲଗ୍ନ ନୀଳାଚଳ ଛକ-ଖୁରୁଷିଆ-ତିକ୍ଷୀରିକୁ ସଂଯୋଗ କରୁଥିବା ଜଳସେଚନ ବିଭାଗ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ରାସ୍ତା ସାରା ଅସଂଖ୍ୟ ଗାତ ରହିଛି । ଅସରାଏ ବର୍ଷା ହେଲେ ସେହି ରାସ୍ତାରେ ପାଣି ଜମି ରହୁଛି । ଏଥିପାଇଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଟିକେ ଅନ୍ୟମନସ୍କ ହେଲେ ଚାଲି ଚାଲି ଯାଉଥିବା ଲୋକମାନେ ରାସ୍ତାରେ ପଡି ଆହତ ହେଉଥିବା ନଜିର ରହିଛି । ରାସ୍ତାର ଏପରି ଅବସ୍ଥା ଦେଖି ଆମ୍ବୁଲାନ୍ସ ଆସୁନାହିଁ ବୋଲି ରଘୁନାଥପୁର ଗ୍ରାମର ବୁଦ୍ଧିଜୀବୀ ଅଲେଖ ଚନ୍ଦ୍ର ନାୟକଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ଖୁରୁଷିଆ ପାଟ, କୋଦାକଣ, ପାଟଳୀ ପଙ୍କ, ରଘୁନାଥପୁର, ଅମେଇପାଳ, ତିଖିରୀ, ରାୟପୁର, ବାନ୍ଧକୁଦ, ଦେକଣି, କୋରଟ ପଙ୍ଗା ଆଦି ୪ ପଞ୍ଚାୟତର ଲୋକମାନେ ଦୈନିକ ପାରାଦୀପ, କୁଜଙ୍ଗ, କେନ୍ଦ୍ରାପଡ଼ା, ମହାକାଳପଡ଼ା ବ୍ଲକ ମୁଖ୍ୟାଳୟ ଓ ତହସିଲ ଅଫିସକୁ ଯାତାୟତ କରିଥାଆନ୍ତି । ମହାବିଦ୍ୟାଳୟ, ବିଦ୍ୟାଳୟକୁ ଛାତ୍ରୀ ଛାତ୍ର ଆସି ଥାଆନ୍ତି । ଏହି ଅଞ୍ଚଳର ଲୋକମାନେ ଅସୁସ୍ଥ ହେଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ କୌଣସି ଆମ୍ବୁଲାନ୍ସ ସେବା ମିଳୁନାହିଁ । ଫଳରେ ରୋଗୀମାନେ ବାଧ୍ୟ ହୋଇ ବାଇକ୍, ଅଟୋରିକ୍ସାରେ ବିପଦ ସଙ୍କୁଳ ଭାବେ କେନ୍ଦ୍ରାପଡ଼ା , ପାରାଦୀପ , କୁଜଙ୍ଗ ଆଦି ମେଡିକାଲକୁ ଯାତାୟାତ କରିଥାନ୍ତି ବୋଲି ଚିନ୍ମୟ ବାରିକ, ପ୍ରଫୁଲ୍ଲ କୁମାର ପ୍ରଧାନ, ଜଳଧର ଗଉଡ, ଅଧିର ମହାପାତ୍ର ପ୍ରମୁଖ କହିଛନ୍ତି। ତୁରନ୍ତ ଉକ୍ତ ରାସ୍ତାର ମରାମତି କିମ୍ବା ପୁନଃନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ବର୍ଷା ଯୋଗୁ ଏହି ସମସ୍ୟା ସୃଷ୍ଟି ହେଉଛି। ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତାରେ ମରାମତ କରିବା ପାଇଁ ଠିକାଦାରଙ୍କୁ କୁହାଯାଇଛି। ଦିନେ ଦୁଇ ଦିନ ମଧ୍ୟରେ ରାସ୍ତା ସମସ୍ୟା ହଟିବ ବୋଲି ସେ କହିଛନ୍ତି।




# ସଫେଇ ହେଉନି ଗୋବରୀ, ବାଉଁଶଯୋରୀ ନାଳ

ନାଉଗାଁ,୧୪।୮
(ସୁଧା ବେହୁରା)

ନାଉଗାଁ ବ୍ଲକ ଦେଇ ଗୋବରୀ ଓ ବାଉଁଶଯୋରୀ ନାଳ ପ୍ରବାହିତ ହେଉଛି। ଏହି ନାଳ ଉପରେ ବହୁ ପଞ୍ଚାୟତର ଚାଷୀ ନିର୍ଭର କରୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଏହା ସଫେଇ ହୋଇ ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି।

ଗୋବରୀ ନାଳଟି ଜଗତ୍‌ସିଂହପୁର ଜିଲ୍ଲାର ଆଳିପିଙ୍ଗଳ ନିକଟରୁ ବାହାରି ଉକ୍ତ ବ୍ଲକର ଗଜରାଜପୁର, ନୂଆଗାଁ, ଘୋଡାଂଶ, ନାଉଗାଁ, ବାଂଶ, ତିରୁଣା, ଡେରିକି, କୋରୁଆ ପଞ୍ଚାୟତ ଦେଇ ଗାରୋଇଠାରେ ଦେବୀ ନଦୀରେ ମିଶିଛି। ସେହିପରି ବାଉଁଶଯୋରୀ ନାଳଟି ଜାମୁଗାଁ ପଞ୍ଚାୟତ ଛତିଆନା ନିକଟରୁ ବାହାରି ଡାବର, ତିରୁଣା, କୋରୁଆ ପଞ୍ଚାୟତର ତେଲସରା ନିକଟରେ ଦେବୀ ନଦୀରେ ମିଶିଛି। ଏହି ୨ଟି ନାଳ ଜଳ ନିକାଶ ବିଭାଗ ଜଗତ୍‌ସିଂହପୁର ଡିଭିଜନ ଅଧୀନରେ ରହିଛି। ଏହି ନାଳ ମାଧ୍ୟମରେ ନାଉଗାଁ ବ୍ଲକର ପ୍ରାୟ ୫ ହଜାର ହେକ୍ଟର ଚାଷଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ହେଉଥିବା ବେଳେ ମରୁଡି ସମୟରେ ପ୍ରାୟ ୨ ହଜାର ହେକ୍ଟର ଚାଷଜମିରେ ବିଭିନ୍ନ ସ୍ଲୁଇସ୍‌ଗେଟ୍ ମାଧ୍ୟମରେ ଜଳସେଚନ କରାଯାଇଥାଏ। ପୂର୍ବରୁ ଉକ୍ତ ୨ ନାଳକୁ ପ୍ରତିବର୍ଷ ଚିଠା ମାଧ୍ୟମରେ ଠିକାଦାରମାନେ ସଫା କରୁଥିବା ଦର୍ଶାଉଥିଲେ। କିନ୍ତୁ ଏହା ପ୍ରକୃତରେ ସଫେଇ କରା ନ ଯାଇ କାଗଜ କଲମରେ ହେଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି।

ଚଳିତବର୍ଷ ଏହି ୨ ନାଳକୁ ସଫେଇ କରିବା ପାଇଁ ବିଭାଗ ପକ୍ଷରୁ ୫ ଜୁଲାଇ ୨୦୨୪ରେ ଅନ୍‌ଲାଇନ ଟେଣ୍ଡର କରାଯାଇଥିଲା। ୧୨ ଜୁଲାଇ ୨୦୨୪ରେ ଏହି ଟେଣ୍ଡର ଖୋଲାଯାଇଥିଲା। ୧୬ ଜୁଲାଇ ୨୦୨୪ରେ ଲଟେରି ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ଏହି ୨ ନାଳକୁ ସଫା କରିବାକୁ ୬,୬୫,୮୩୦ ଟଙ୍କା ବ୍ୟୟବରାଦ କରାଯାଇଛି। ଟେଣ୍ଡର ସରିବା ମାସେ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ୨ନାଳ ସଫେଇ କରାଯାଇନାହିଁ। ଦେବୀନଦୀରେ ବନ୍ୟାପାଣି ଆସିବା ପରେ ଏହି ୨ ନାଳରେ ବନ୍ୟାପାଣି ପ୍ରବାହିତ ହେଉଛି। ମାତ୍ର ଉକ୍ତ ପାଣିରେ ଦଳ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଜଳ ନିଷ୍କାସନରେ ବାଧା ଉପୁଜିଛି। ଦଳ ଭର୍ତ୍ତି ହେବା ଦ୍ୱାରା ଆଗକୁ ଅଧିକ ବର୍ଷା ହେଲେ ଉକ୍ତ ଦଳ ଭାସି ଯାଇ ଚାଷଜମିରେ ଲାଗିବାର ଆଶଙ୍କା ରହିଛି। ଫଳରେ ଚାଷୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଏତଦ୍‌ବ୍ୟତୀତ ଦଳ ଭର୍ତ୍ତି ହେବା ଦ୍ୱାରା ବିଷଧର ସାପ ଓ ଅନ୍ୟ ଜନ୍ତୁ ରହିବାର ଆଶଙ୍କା ରହିଛି। ଦଳ ଭର୍ତ୍ତି ହୋଇ ପଚିବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସ୍ଥାନୀୟ ଜନସାଧାରଣ ଉକ୍ତ ନାଳର ପାଣିକୁ ବ୍ୟବହାର କଲେ ଅଘଟଣ ଘଟିବାର ସମ୍ଭାବନାକୁ ଦୂରେଇ ଦେଇ ହେବ ନାହିଁ। ଯଥାଶୀଘ୍ର ଦୁଇ ନାଳକୁ ସଫେଇ କରିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

ପ୍ରକାଶଯୋଗ୍ୟ, ଗୋବରୀ ନାଳ ୨୦୨୧-୨୨ ଆର୍ଥିକ ବର୍ଷରେ ୫ କୋଟି ଓ ବାଉଁଶଯୋରୀ ନାଳ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ସଫେଇ କରାଯାଇଥିଲା। କିନ୍ତୁ ସଫେଇ ଠିକ୍ ଭାବେ ହୋଇ ନ ଥିବାରୁ ଚାଷୀଙ୍କ କାର୍ଯ୍ୟରେ ଲାଗୁ ନ ଥିବା ନବନିର୍ମାଣ କୃଷକ ସଙ୍ଗଠନର ସହସଂଯୋଜକ ଅଶୋକ ସ୍ୱାଇଁ, ସୁବାସ ସ୍ୱାଇଁ ପ୍ରମୁଖ କହିଛନ୍ତି। ନାଳ ସଫେଇ ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସରୋଜକାନ୍ତ ଦୀକ୍ଷିତଙ୍କୁ ପଚାରିବାରେ, ଏ ନେଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବା ସହ ତୁରନ୍ତ ନାଳରୁ ଦଳ କାଢ଼ି ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।


ଗୋବରୀ ନାଳରେ ଦଳ ଭର୍ତ୍ତିହୋଇ ରହିଛି।



**ଏରସମା: ଡିଲର ପଏଣ୍ଟରୁ ମିଳିଲା ଆଳୁ**

ଏରସମା, (ଦୀପ୍ତି ଖଣ୍ଡୁଆଳ): ଏରସମା ବ୍ଲକ ମୁଖ୍ୟାଳୟ ପଞ୍ଚାୟତରେ ଯୋଗାଣ ବିଭାଗ ପକ୍ଷରୁ ବୁଧବାର ଡିଲର ପଏଣ୍ଟରୁ ଆଳୁ ଯୋଗାଇ ଦିଆଯାଇଛି। ଯୋଗାଣ ଅଧିକାରୀ ବିବେକାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ମୁରଲୀଧର ବାରିକ ୧ କୁଇଣ୍ଟାଲ ୮୦ କିଗ୍ରା ଆଳୁ ଦେଇଛନ୍ତି। ପ୍ରତି ପରିବାରକୁ ୧୦୦ଟଙ୍କାରେ ୩ କିଗ୍ରା ଆଳୁ ଦିଆଯାଇଥିବା ଡିଲର ବାରିକଙ୍କଠାରୁ ଜଣାପଡିଛି। ସୂଚନାଯୋଗ୍ୟ, ଏକ ସପ୍ତାହ ଆଳୁ ନ ମିଳିବାରୁ ଖାଉଟି ବ୍ୟତିବ୍ୟସ୍ତ ହେଉଥିଲେ। ପରେ ଆଳୁ ବଜାରକୁ ଆସି କିଗ୍ରା ପ୍ରତି ୫୦ ଟଙ୍କା ଦରରେ ବିକ୍ରି ହେଲା। ତାହା ସାଧାରଣ ଲୋକେ କିଣିବା କଷ୍ଟସାଧ ହେଲା। ପରେ ଏରସମା, ଜପା, ଆମ୍ବିକା, ଓଲରା ବଜାରରେ ୪୦ ଟଙ୍କା ଦରରେ ବିକ୍ରି ହେଉଛି।

## ସଂକ୍ଷେପରେ

### ଘରୁ ପଳାଇଥିବା ପ୍ରେମୀଯୁଗଳଙ୍କ ଥାନାରେ ବାହାଘର

ନାଉଗାଁ, ୧୪।୮ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ପଞ୍ଚାୟତ ଗହିରପଡ଼ା ଗ୍ରାମର ପ୍ରତାପ ପରିଡାଙ୍କ ଝିଅ, ଘୋଡାଂଶ ପଞ୍ଚାୟତ ସଂସାଇଲୋ ଗ୍ରାମର ଅମରେଶ୍ୱର ସ୍ୱାଇଁଙ୍କ ପୁତ୍ର ସହିତ ୪ ଦିନ ତଳେ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ପ୍ରତାପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ଫେରାର ଥିବା ପ୍ରେମୀଯୁଗଳ ଥାନାରେ ଆତ୍ମସମର୍ପଣ କରିଥିଲେ। ଉଭୟ ପୁଅ, ଝିଅ ସାବାଳକ ହୋଇଥିବାରୁ ସେମାନଙ୍କ ସହମତି, ପରିବାର ସଦସ୍ୟ, ଥାନାଧିକାରୀ ସଂଘମିତ୍ରା ନାୟକ, ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ତ୍ରିନାଥ ମଣ୍ଡପଠାରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।

### ବାଉଁଶଯୋରୀ-ଅଳକା-ଗୋବରୀ ବୁଡ଼ି ଅଞ୍ଚଳ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ

ନାଉଗାଁ, ୧୪।୮ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବାଉଁଶଯୋରୀ-ଅଳକା-ଗୋବରୀ ବୁଡ଼ି ଅଞ୍ଚଳ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ତିରୁଣାସ୍ଥିତ ଇନ୍ଦିରା ସ୍ମାରକୀ ଯୁବକ ସଂଘ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଉଁଶଯୋରୀ ଓ ଗୋବରୀ ନାଳରୁ କିପରି ଉଦ୍‌ବୃତ୍ତ ଜଳ ନିଷ୍କାସନ ହେବ ସେ ବିଷୟରେ ଆଲୋଚନା କରାଯାଇଛି। ବ୍ଲକର ଅଧିକାଂଶ ତଳିଆ ପଞ୍ଚାୟତରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ନ ହୋଇ ପାରିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥାଏ। ତେଣୁ ବାଉଁଶଯୋରୀ ନାଳର ଜଳ ସିଧାସଳଖ ଦେବୀ ନଦୀକୁ ନ ଯାଇ ସମୁଦ୍ରରେ ନିଷ୍କାସିତ ହେଲେ ଖାଲୁଆ ଅଞ୍ଚଳ ଜଳମଗ୍ନ ହେବନାହିଁ। ତେଣୁ ବାଉଁଶଯୋରୀ ନାଳରୁ ବାଲିକୁଦା ବ୍ଲକ ମାଛଗାଁ ନିକଟରେ ଥିବା ମୁରୁରିଆ ନାଳକୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯିବ। ମୁରୁରିଆ ନାଳରୁ ନୂଆଗାଁ, ତାଳଗାଁ, କୁଶୁପୁର ଦେଇ ସେକଣି ନିକଟରେ ସମୁଦ୍ରରେ ମିଶିବ ବୋଲି ଆଲୋଚନା କରାଯାଇଥିଲା। ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ବାଲିକୁଦା ଓ ନାଉଗାଁ ବ୍ଲକର ୧୫ଟି ପଞ୍ଚାୟତରୁ ଦସ୍ତଖତ ସଂଗ୍ରହ କରାଯିବ। ଉକ୍ତ ସ୍ମାରକପତ୍ରକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଏହି ବୈଠକରେ ସୁବାସ ସ୍ୱାଇଁ, ରାଜକିଶୋର ସାମଲ, ପ୍ରତାପ ବେହୁରା ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

# ନଦୀରେ ଘୂରି ବୁଲୁଛନ୍ତି ଶତାଧିକ କୁମ୍ଭୀର

ମହାକାଳପଡ଼ା, ୧୪।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଘଞ୍ଚ ବୁଦାମୂଳେ ଖରାଖାଉଥିବା ବଉଳା କୁମ୍ଭୀର।

କେନ୍ଦ୍ରାପଡ଼ା ଜିଲାରେ ବ୍ରାହ୍ମଣୀ, ଖରସ୍ରୋତା, ମହାନଦୀ, ଗୋବରୀ, ଲୁଣା, ଚିତ୍ରୋତ୍ପଳା ଓ ପାଇକା ନଦୀ କୂଳିଆ ଅଞ୍ଚଳରେ ବଉଳା କୁମ୍ଭୀରଙ୍କ ଆତଙ୍କ ସୃଷ୍ଟି ହୋଇଛି। ଗତ ୨ଦିନ ତଳେ ବ୍ରାହ୍ମଣୀ ନଦୀରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଥିଲା। ସମ୍ପୃକ୍ତ ମହିଳାଙ୍କ ମୃତଦେହ କିଛି ଦୂରରେ ଠାବ କରାଯାଇଥିଲା। ଏନେଇ ବନ ବିଭାଗ ପକ୍ଷରୁ ବାରମ୍ବାର ଲୋକମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ହେଲେ ସଚେତନତା ଅଭାବରୁ ଲୋକେ କୁମ୍ଭୀର ଆକ୍ରମଣରେ ଶିକାର ହେଉଛନ୍ତି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ବର୍ଷାଦିନେ ଭରା ନଦୀରେ କୁମ୍ଭୀରଙ୍କ ଭୟ ରହିଥାଏ। ଗୋଳିଆ ପାଣିର ସୁଯୋଗ ନେଇ କୁମ୍ଭୀରମାନେ ଅନେକଙ୍କ ଜୀବନ ନେଇ ଥାଆନ୍ତି। ଏହି ପରିପ୍ରେକ୍ଷୀରେ ମହାକାଳପଡ଼ା ଅଞ୍ଚଳରେ ଥିବା ନଦୀନାଳରେ କୁମ୍ଭୀରଙ୍କ ଉପଦ୍ରବ ବଢ଼ିଛି। ମତ୍ସ୍ୟଜୀବୀମାନେ ବର୍ଷ ତମାମ ମାଛ ଧରି ପରିବାର ପ୍ରତିପୋଷଣ କରିଥାଆନ୍ତି। ଟିକେ ଅସାବଧାନ ହେଲେ କୁମ୍ଭୀର ଆକ୍ରମଣ କରିବାର ନଜିର ରହିଛି। ନଦୀ କୂଳରେ ଥିବା ଘଞ୍ଚ ବୁଦାମୂଳେ କୁମ୍ଭୀର ନିରାପଦରେ ଖରା ପୁଇଁ ଥାନ୍ତି। ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବଟୀଘର ପଞ୍ଚାୟତ ମହାନଦୀ ତ୍ରିକୋଣ ଭୂମି ସନ୍ତସନ୍ତିଆ ନଦୀ କୂଳରେ ଏକ ବଡ଼ ବଉଳା କୁମ୍ଭୀର ଛକି ରହିଛି ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ଆମ ଅଞ୍ଚଳର

**■ ସତର୍କ, ସଚେତନ ରହିବାକୁ ବନ ବିଭାଗର ପରାମର୍ଶ**

ସବୁ ନଦୀରେ ଶତାଧିକ ବଉଳା କୁମ୍ଭୀର ଭାସୁଥିବା ନିଶିକାନ୍ତ ମଣ୍ଡଳ, ହରେକୃଷ୍ଣ ମାନ୍ନା, କ୍ଷିତିଶ ମଣ୍ଡଳ, ରାମହରି ଦାସ ପ୍ରମୁଖ ମତ୍ସ୍ୟଜୀବୀ କହିଛନ୍ତି। ସେଥିପାଇଁ ସେମାନେ ମାଛ ନ ଧରି ଫେରି ଆସିଥିବା ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ରେଞ୍ଜ ଅଧିକାରୀ ନଳିନୀକାନ୍ତ ବେହେରା କୁହନ୍ତି, ନଦୀ କୂଳିଆ ଅଞ୍ଚଳ ଲୋକମାନଙ୍କୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ପ୍ରଚାର ଗାଡ଼ି ମାଧ୍ୟମରେ ଆମେ ସତର୍କ, ସଚେତନ କରାଯାଉଛୁ । ନଦୀକୁ ନ ଯିବା ପାଇଁ ବାରଣ କରୁଛୁ । ହେଲେ ଅଧିକାଂଶ ଲୋକ ସଚେତନ ନ ହେବାରୁ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି।

## ୮ ବର୍ଷ ବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ, ୧୪।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଘରେ ଛାଡି ଦେବାକୁ କହି ଚକୋଲେଟ୍ ଲୋଭ ଦେଖାଇ ଜଣେ ୮ ବର୍ଷର ବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡିତା ନାବାଳିକାଙ୍କୁ ଉଦ୍ଧାର କରାଯାଇ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ସହ ଡାକ୍ତରୀମାଇନା କରାଯାଇଛି। ଉକ୍ତ ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଅଭିଯୁକ୍ତ ଅଟୋ ଚାଳକ ପ୍ରତାପ ମଲ୍ଲିକ ଓରଫ ବୋଧିଆଙ୍କୁ ଗିରଫ କରି ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ନାବାଳିକା ଜଣଙ୍କ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ତାଙ୍କ ମାମୁ ଘରେ ରହି ପାଠ ପଢନ୍ତି। ରବିବାର ସାଙ୍ଗ ପିଲାମାନଙ୍କ ସହ ଠିଆ ହୋଇ ବୋଲବମ ଦେଖୁଥିଲେ। ତେବେ ଏହି ସମୟରେ ଅଟୋ ଚାଳକ ବୋଧିଆ ନାବାଳିକାଙ୍କୁ ଘରେ ଛାଡି ଦେବାକୁ କହିଥିଲେ। ହେଲେ ନାବାଳିକା ଅରାଜି ହେବାରୁ ଚକୋଲେଟ ପ୍ରଲୋଭନ ଦେଖାଇ ଅଟୋରେ ବସାଇ ନେଇଥିଲେ। କିନ୍ତୁ ନାବାଳିକାଙ୍କୁ ତାଙ୍କ ମାମୁଘରେ ଛାଡ଼ିବା ବଦଳରେ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତା ଅସହ୍ୟ ଯନ୍ତ୍ରଣା ସହି ନ ପାରି ମୁମୂର୍ଷୁ ଅବସ୍ଥାରେ ମାମୁଘରେ ପହଞ୍ଚି ନିଜ ଆଈଙ୍କ ଆଗରେ ସମସ୍ତ କଥା କହିଥିଲେ। ଏହି ଘଟଣା ସମ୍ପର୍କରେ ଜାଣି ନାବାଳିକାଙ୍କ ମା' ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଆଇଆଇସି ପଦ୍ମାଳୟା ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଫେରାର ହେବାକୁ ଚେଷ୍ଟା କରୁଥିବା ବୋଧିଆଙ୍କୁ ଗିରଫ କରଥିଲେ। ଏ ନେଇ ପୋଲିସ ନଂ. ୩୯୭/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟକୁ ଚାଲାଣ କରିଥିଲା।

## ଗାନ୍ଧୀଙ୍କ ନୂଆ ପ୍ରତିମୂର୍ତ୍ତି ଉଦ୍‌ଘାଟିତ

ଜଗତ୍‌ସିଂହପୁର, ୧୪।୮ (ପ୍ରମୋଦ କୁମାର ନାୟକ)



ସ୍ଥାନୀୟ ଗାନ୍ଧୀ ଛକରେ ମହାତ୍ମା ଗାନ୍ଧୀଙ୍କ ନୂଆ ପ୍ରତିମୂର୍ତ୍ତି ବୁଧବାର ସ୍ଥାପନ ହୋଇଛି। ଏହାକୁ ଜିଲାପାଳ ଜେ. ସୋନାଲଙ୍କ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇଥିଲେ। ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଉପାଧକ୍ଷ ରାଜେନ୍ଦ୍ର ବିଶୋଇ, ନିର୍ବାହୀ ଅଧିକାରୀ କଳ୍ପିତା ଜେନା, ପୌର ପରିଷଦର ପାରିଷଦ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ଜିଲା ସଭାପତି ରମାକାନ୍ତ ସ୍ୱାଇଁ, ଜିଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା, ବରିଷ୍ଠ ଗାନ୍ଧିବାଦୀ ଗୌରାଙ୍ଗ ହୋତା, ସୁରେନ ରାଉତ, ସ୍ନେହାଂଶୁ ଜେନା, ଇନ୍ଦୁମତି ସାହୁ, ଶାରଦା ନାୟକ ଓ ବଜାର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ବ୍ୟାରିୟର ଚୋରି, ୪ ଅଭିଯୁକ୍ତ ଗିରଫ

ଡେରାବିଶ, ୧୪।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅଧୀନ ୫୩ ନଂ(କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ-ବଳଭଦ୍ରପୁର ମଧ୍ୟରେ ରାଜପଥର ଉଭୟ ପାର୍ଶ୍ୱରେ ଲାଗିଥିବା ବ୍ୟାରୟର ଚୋରି ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଥିଲା । ୪ ଅଭିଯୁକ୍ତଙ୍କୁ ଡେରାବିଶ ପୋଲିସ ଗିରଫ କରି ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଓଳକଣା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରିପଲେଇ ଗ୍ରାମର ହେମନ୍ତ ମହାପାତ୍ର, ମାତକତପୁର ଗ୍ରାମର ଶେଖ ନାସିରୁଦ୍ଦିନ୍, ଡେରାବିଶ ଥାନା ଅନ୍ତର୍ଗତ ସାତବାଟିଆ ଗ୍ରାମର ବଳଭଦ୍ର ସାହୁ । ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାମ ଚାଲିଛି । ନିର୍ମାଣଧୀନ ରାଜପଥର ଉଭୟ ପାର୍ଶ୍ୱରେ ଲାଗିଥିବା ବ୍ୟାରିୟର ଚୋରି ହୋଇଯାଇଥିବା ନେଇ କମ୍ପାନୀ ପକ୍ଷରୁ ବୁଧବାର ସକାଳେ ଥାନାରେ ଅଭିଯୋଗ ହୋଇଥିଲା।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବାଲେଶ୍ୱର, ୧୪।୮ (ବାଞ୍ଛାନିଧି ଦେ):

ବାଲେଶ୍ୱର ରେଳଷ୍ଟେଶନ ଅନତି ଦୂର ଅରଡ଼ବଜାର ନିକଟ ରେଳଧାରଣାରୁ ଜିଆର୍‌ପି ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ଜଣାପଡିନାହିଁ। ତାଙ୍କର ବୟସ ୩୫ ହେବ। ସେ ଟ୍ରେନ୍‌ରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରାଜଲକ୍ଷ୍ମୀ


@ ନିର୍ବିକଳ୍ପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନଦୀ ପୋଲରୁ ଯୁବକଙ୍କୁ ଠେଲିଦେବା ଅଭିଯୋଗ

କେନ୍ଦ୍ରାପଡ଼ା, ୧୪।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଧୀନ ବିରୂପା ନଦୀରେ ଜଣେ ଯୁବକଙ୍କୁ ବୁଧବାର ଅପରାହ୍ନରେ ଠେଲି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଯୁବକ ହେଉଛନ୍ତି ମଣ୍ଟୁ ମଲ୍ଲିକ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମଣ୍ଟୁଙ୍କ ନିଖୋଜ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ତେବେ ପୋଲ ନିକଟର ଏକ ଗ୍ୟାରେଜ ସିସିଟିଭିରୁ ଯାଞ୍ଚ ପରେ ହତ୍ୟା ଉଦ୍ଦେଶ୍ୟରେ ମଣ୍ଟୁଙ୍କୁ ପୋଲ ଉପରୁ ଫୋପଡା ଯାଇଥିବା ସନ୍ଦେହ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସୂଚନା ଅନୁଯାୟୀ, ମଣ୍ଟୁ ଯାଜପୁର ଜିଲା ବରୀ ଥାନା କୃଷ୍ଣନଗର ଅଞ୍ଚଳର ଜଣେ ଝିଅଙ୍କୁ ବିବାହ କରିଥିଲେ। ସେମାନଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳ ଚାଲିଥିଲା। କୃଷ୍ଣନଗର ଅଞ୍ଚଳର ୩ ଜଣ ଲୋକ ମଣ୍ଟୁଙ୍କୁ ଏହି ପୋଲ ଉପରେ ବୁଝାଶୁଝା ଓ ପରେ ମାଡ଼ ମାରିଥିବା ଦୃଶ୍ୟ ସିସିଟିଭିରେ ଆସିଛି। ତେବେ ମଣ୍ଟୁଙ୍କୁ ସେଠାରୁ ନଦୀକୁ ଡେଇଁବା ଅଥବା ଠେଲି ହେବା ଦୃଶ୍ୟ ନାହିଁ। ଏ ସମ୍ପର୍କରେ ଆଇଆଇସି ସୁଶାନ୍ତ ମଲ୍ଲିକଙ୍କୁ ପଚାରିବାରେ ଅଭିଯୋଗ ପରେ ପ୍ରାଥମିକ ତଦନ୍ତ ଚାଲିଛି। ସିସିଟିଭି ଯାଞ୍ଚ ସହ ନଦୀ ଅଞ୍ଚଳରେ ଅଗ୍ନିଶମ ବାହିନୀ ସହାୟତାରେ ମଣ୍ଟୁଙ୍କୁ ଖୋଜାଖୋଜି ଚାଲିଛି।

# ବିଭିନ୍ନ ସ୍ଥାନରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ରାଜନଗର, ୧୪।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସଦର ରାଜନଗର ପଞ୍ଚାୟତରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ରାଜନଗର ଗାଁ, ବଜାର ପରିକ୍ରମା କରି ବ୍ଲକ ପରିସରରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ସିଡିପିଓ ସନ୍ତୋଷିନୀ ଭୋଇ, ବିଇଓ ମନୋରଞ୍ଜନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ବ୍ଲକର ସମସ୍ତ କର୍ମଚାରୀ, ପଞ୍ଚାୟତର ସଭ୍ୟାସଭ୍ୟ ଓ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ ପରିଚାଳନା କରିଥିଲେ। ସେହିପରି ବ୍ଲକର ହାତିନା, ମହିଷାସୁର, ବେଲପାଳ, ଭିତରଗଡ଼, ଈଶ୍ୱରପୁର ପଞ୍ଚାୟତରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ରାଜନଗର ଭାଜପା କର୍ମକର୍ତ୍ତାଙ୍କ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଯାଇଛି। ରାଜନଗର ନିର୍ବାଚନମଣ୍ଡଳୀର ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରରୁ ଏହି ଶୋଭାଯାତ୍ରା ବାହାରି ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ରାଜନଗରରେ ପହଞ୍ଚିଥିଲା। କେନ୍ଦ୍ରପଡା ଜିଲା ଭାଜପା ଉପସଭାପତି ସଦାଶିବ ଜେନା, ଯୁବନେତା ଦିଲୀପ ପାଳ, ରାଜ୍ୟ କୃଷକ କାର୍ଯ୍ୟକାରିଣୀ କମିଟି ସଦସ୍ୟ ରାଜ କିଶୋର ସାହୁ, ପଟ୍ଟାମୁଣ୍ଡାଇ ନଗର ସଭାପତି ଶଶିକାନ୍ତ ସ୍ୱାଇଁ, ବରିଷ୍ଠ ଭାଜପା ନେତା ସମୀର ପାତ୍ର, ମେଘଶ୍ୟାମ ସାହୁ, କ୍ରିଷ୍ଣା ବେହେରା, ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇ ୨୦ କିଲୋମିଟର ଯାତ୍ରା କରିଥିଲେ। ରାଜନଗରସ୍ଥିତ ମା'ତାରିଣୀଙ୍କ ମନ୍ଦିର ନିକଟରେ ତ୍ରିରଙ୍ଗା ଶୋଭାଯାତ୍ରା ଶେଷ ହୋଇଥିଲା। ବୁଧବାର ଏବିଭିପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ରାଜନଗର ଗାଁ ଓ ବଜାର ପରିକ୍ରମା କରିଥିଲା।


ରଘୁନାଥପୁର ବ୍ଲକ ଭାଜପା ପକ୍ଷରୁ ବାହାରିଥିବା ୨୦୦ ଫୁଟ୍‌ର ତ୍ରିରଙ୍ଗା ଶୋଭାଯାତ୍ରା।

**ପାଟକୁରା, (ରବୀନ୍ଦ୍ର ନାଥ ବାରିକ):** ପାଟକୁରା ଭାଜପା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭାଜପାର ପ୍ରବକ୍ତା ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ହାତରେ ତ୍ରିରଙ୍ଗା ଧରି ପାଟକୁରା କହ୍ନେଇଲାଲ ମଠ ସମ୍ମୁଖରୁ ପାଟକୁରା ବଜାର, ଜଗଦଲପୁର ଜଳସେଚନ କାର୍ଯ୍ୟାଳୟ ଦେଇ କେହ୍ନେଇଲାଲ ମଠ ନିକଟରେ ପହଞ୍ଚି ଥିଲେ। ଅପରାହ୍ନରେ ଗରଦପୁର ସରକାରୀ ବସଷ୍ଟାଣ୍ଡ ହରିପୁରଠାରୁ ପତାକା ଧରି ତେଜେଶ୍ୱରଙ୍କ ସମେତ ଭାଜପା କର୍ମୀମାନେ ଲୋକନାଥ ମହାବିଦ୍ୟାଳୟ ଛକ ଦେଇ କର୍ଣ୍ଣେଶ୍ୱର ମଠ ନିକଟରେ ଯାତ୍ରା ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ନାୟକ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ, ଯୁବମୋର୍ଚ୍ଚା ସଭାପତି ଅସିତ ନାୟକଙ୍କ ସମେତ ବହୁ ଭାଜପା କର୍ମୀଯୋଗ ଦେଇଥିଲେ।

**ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା ରାଜକିଶୋର ବେହେରାଙ୍କ ନେତୃତ୍ୱରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ କର୍ମୀଙ୍କ ସହ ଶତାଧିକ ଏସ୍‌ଏଚ୍‌ଜି ମହିଳା ସାମିଲ ହୋଇଥିଲେ। ସେମାନେ ଥାନା ଛକରୁ ୨ ଶହ ଫୁଟ ଲମ୍ବର ତ୍ରିରଙ୍ଗା ପତାକା ଧରି ଭାରତମାତା ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ଆସି ବ୍ଲକ ଛକ ନିକଟରେ ପହଞ୍ଚି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଜିଲା ସାଧାରଣ ସମ୍ପାଦକ ସୁବାସ ଜେନା, ଉପସଭାପତି ସତ୍ୟବ୍ରତ ପଣ୍ଡା, ଯୁବନେତା ଅଶୋକ ମହାରଣା, ପ୍ରକାଶ ଦଳାଇ, ମଣ୍ଡଳ ସଭାପତି ଶିବଚରଣ ଦାସ, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଜଗନ୍ନାଥ ପ୍ରସାଦ ସ୍ୱାଇଁଙ୍କ ସହ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ।

**ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ):** କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ଭାଜପା ନଗର ସଭାପତି ଶଶିକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ପଟ୍ଟାମୁଣ୍ଡାଇ ବାଇପାସଠାରୁ ବାହାରି ସହର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ଭାଜପା ମହିଳା ଉପସଭାନେତ୍ରୀ ପ୍ରିୟଙ୍କା ଶତପଥୀ, ପଟ୍ଟାମୁଣ୍ଡାଇ ପୂର୍ବତନ ନଗର ଭାଜପା ସଭାପତି ପଦ୍ମନାଭ ପଣ୍ଡା, ୧୬ ନଂ. ଜୋନ ସଭାପତି ନୀଳକଣ୍ଠ ମିଶ୍ର, ୧୭ ନଂ. ଜୋନ ସଭାପତି ଅକ୍ଷୟ ସେଠୀ, ୧୮ ନଂ. ଜୋନ ସଭାପତି ଗୋପୀନାଥ ପଣ୍ଡା, ୩୦ ନଂ. ଜୋନ ସଭାପତି ପ୍ରମୋଦ ଦାସଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକରେ ଅପରାହ୍ନରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଡିଓ ଶୁଭ୍ରାଂଶୁ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବ୍ଲକ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ୧୬ନଂ. ଜିଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଗଙ୍ଗାରାମପୁର ସମିତିସଭ୍ୟ ବିଶ୍ୱ ରଞ୍ଜନ ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ପଞ୍ଚାୟତ ବିକାଶ ଅଧିକାରୀ ପୀତାମ୍ବର ଜେନା ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ମିଶନଶକ୍ତିର ମହିଳା ସାମିଲ ହୋଇଥିଲେ।


ପଟ୍ଟାମୁଣ୍ଡାଇରୁ ଭାଜପା କର୍ମୀମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ରାଜନଗରକୁ ଯାଉଛନ୍ତି।

**ଏରସମା, (ଦୀପ୍ତି ଖଣ୍ଡୁଆଳ):** ଏରସମା ବ୍ଲକ ମୁଖ୍ୟାଳୟରେ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଉଦ୍‌ଘାଟନ କରିଥିଲେ। ଏହି ଯାତ୍ରାରେ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବିଡ଼ିଓ ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ସ୍ୱାଇଁ, ସଂଯୋଜକ ନଳିନୀ ରଞ୍ଜନ ମନ୍ତ୍ରୀ ପ୍ରମୁଖ ଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରୁ ବାହାରି ବ୍ଲକ ପରିସରରେ ପହଞ୍ଚି ଥିଲେ।

**ନାଉଗାଁ, (ସୁଧା ବେହୁରା):** ନାଉଗାଁ ବ୍ଲକରେ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାକୁ ବିଡିଓ ତପନ କୁମାର ମହାପାତ୍ର ଭାବେ ଉଦ୍‌ଘାଟନ କରିଥିଲେ। ବ୍ଲକ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ନାଉଗାଁ ବ୍ଲକ ଛକ, ବଜାର ଆଦି ପରିକ୍ରମା କରିଛି। ଶୋଭାଯାତ୍ରା ପରେ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ହର୍ ଘର୍ ତିରଙ୍ଗାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଏବିଡିଓ ଦେବେନ୍ଦ୍ର ପ୍ରଧାନ, ଜିପିଓ ଦିନେଶ ରାୟ, ଯୁବ ନେତା ଦିଲୀପ ଲେଙ୍କାଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା, ଏମ୍‌ବିକେ, ସିଆର୍‌ପି ଆଦି ଯୋଗ ଦେଇଥିଲେ। ସେହିପରି ଭାଜପା ପକ୍ଷରୁ ଅଲଣା ପଞ୍ଚାୟତରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କୁଣ୍ଡେଶ୍ୱରର ତ୍ରିଲୋଚନେଶ୍ୱର ମନ୍ଦିର ପରିସରରୁ ବାହାରିଥିଲା। ଏଥିରେ ପଞ୍ଚାୟତର ପ୍ରଶାନ୍ତ କୁମାର ମିଶ୍ର, ସଞ୍ଜୟ ଶେଖର କାଣ୍ଡି, ସୁଶାନ୍ତ କୁମାର ମଳିକଙ୍କ ସମେତ ସଚେତନ ନାଗରିକ, ବରିଷ୍ଠ ନାଗରିକ ଆଦି ଯୋଗ ଦେଇଥିଲେ।

# ଫୋନ୍ ଉଠାଉନାହାନ୍ତି କି ତଥ୍ୟ ଦେଉନାହାନ୍ତି ଡିଏଫ୍‌ଓ

ନୟାଗଡ଼,୧୪।୮(ଲୋକନାଥ ମିଶ୍ର)



ଜିଲାପରିଷଦ ବୈଠକରେ ବାଚସ୍ପତି, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

- ଜିଲା ପରିଷଦର ସାଧାରଣ ବୈଠକରେ ଉଦ୍‌ବେଗ
- ଜମିଦାର ପରି ବ୍ୟବହାର କରୁଛି ବନ ବିଭାଗ
- ମହାନଦୀ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ବି ଅପଦସ୍ଥ
- ନୂଆ କ୍ୱାର୍ଟର୍ସ ନିର୍ମାଣ ଦୁର୍ନୀତି ପୁଣି ଉଠିଲା
- ଖୋର୍ଦ୍ଧାରୁ ନୟାଗଡ଼ ବନଖଣ୍ଡକୁ ରଣପୁର ରେଞ୍ଜ ଆସିବାକୁ ପ୍ରସ୍ତାବ

ନୟାଗଡ଼ ଜିଲା ପରିଷଦର ୭ମ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧକ୍ଷ ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ଏହି ବୈଠକରେ ଜିଲା ପରିଷଦ ସଭ୍ୟ, ବିଧାୟକ, ଏମ୍‌ପିଙ୍କ ପ୍ରଶ୍ନବାଣରେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଫାଲଗୁନି ସାରଥି ମଲିକ ଅପଦସ୍ତ ହୋଇଥିଲେ। ଅନ୍ୟପକ୍ଷେ ଡିଏଫ୍‌ଓ ଷଡ଼ଙ୍ଗୀ ଫୋନ୍ ଉଠାଉ ନାହାନ୍ତି, ବୈଠକରେ ସଭ୍ୟମାନେ ପଚାରୁଥିବା ପ୍ରଶ୍ନର ତଥ୍ୟ ଦେବାରେ ଅଣଦେଖା କରୁଥିବାରୁ ଜିଲା ପରିଷଦ ସଭ୍ୟମାନେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଜିଲା ପରିଷଦ ବୈଠକକୁ ବାହାନା କରି ନୟାଗଡ଼ ଡିଏଫ୍‌ଓ ଷଡ଼ଙ୍ଗୀ ଓ ଖୋର୍ଦ୍ଧା ଡିଏଫ୍‌ଓ ଆସୁ ନାହାନ୍ତି ବୋଲି ଅଭିଯୋଗ ଉଠିଥିଲା। ଖୋର୍ଦ୍ଧା ଏସିଏଫ୍ ବୁଧବାର ବୈଠକକୁ ଆସିଥିଲେ ମଧ୍ୟ ଡିଏଫ୍‌ଓ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ରଣପୁର ରେଞ୍ଜ ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ରହିଥିବାରୁ ରଣପୁର ବ୍ଲକର ଜିଲା ପରିଷଦ ସଭ୍ୟମାନେ କୌଣସି ପ୍ରଶ୍ନର ଉତ୍ତର ପାଉ ନାହାନ୍ତି। ରଣପୁର ଅଞ୍ଚଳରେ ବିକାଶ ବାଟବଣା ହୋଇଛି। ଏଣୁ ରଣପୁର ରେଞ୍ଜକୁ ନୟାଗଡ଼ ବନଖଣ୍ଡ ଅଧୀନକୁ ଆଣିବାକୁ ସଭ୍ୟମାନେ ଦାବି ଉତ୍‌ଥାପନ କରିଥିଲେ।

ବନବିଭାଗ ଜମିଦାର ପରି କାମ କରୁଥିବାରୁ ବନବାସୀମାନେ ଅଣଦେଖା ଅବସ୍ଥା ରହିଛନ୍ତି ବୋଲି କଟକ ଏମ୍‌ପି ମହତାବ କହିଥିଲେ। ଲୋକଙ୍କୁ ସହଯୋଗ କରିବାକୁ ଏମ୍‌ପି ବନବିଭାଗକୁ ପରାମର୍ଶ ଦେଇଥିଲେ। ସେହିଭଳି ପୁରୁଣା କ୍ୱାର୍ଟର୍ସ ଥାଉ ଥାଉ ନୟାଗଡ଼ ଡିଏଫ୍‌ଓ ନୂଆ କ୍ୱାର୍ଟର୍ସ ନିର୍ମାଣ କରିବାର ଦୁର୍ନୀତି ନେଇ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଗଲାନି ବୋଲି ସଭ୍ୟ ରାମେଶ୍ୱର ଶତପଥୀ କହିଥିଲେ। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓଙ୍କ ଉତ୍ତର ସଭ୍ୟଙ୍କୁ ସନ୍ତୁଷ୍ଟ କରି ପାରି ନ ଥିଲା। ସେହିଭଳି ସିଦ୍ଧାମୂଳା ଇକୋ ଟୁରିଜିମରେ ନିର୍ମାଣ ହୋଇଥିବା ୧୨ଟି କଟେଜରେ ଏସି କାମ କରୁ ନ ଥିବା କଥା ଉଠିଥିଲା। ପୂର୍ବରୁ ଚାରା ରୋପଣ ହେଉଥିଲେ ଜିଲା ପରିଷଦ ସଭ୍ୟଙ୍କୁ ଖୋଜା ପଡୁଥିଲା। ଏବେ ୨୦ ହଜାର ଚାରା ରୋପଣ ସତ୍ତ୍ୱେ ଜିଲା ପରିଷଦ ସଭ୍ୟଙ୍କୁ ବନବିଭାଗ ଖୋଜୁନି। ଜିଲା ପରିଷଦରୁ ସବୁଠାରୁ ଅଧିକ ଅର୍ଥ ବନବିଭାଗ ନେଉଥିବାବେଳେ ଜିଲାରେ ଗଛ ଖୋଜିଲେ ମିଳୁନି କହି ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଗୋଡିପଡା ବିଟ୍‌ରେ କର୍ମଚାରୀ ରହୁ ନାହାନ୍ତି। ଗୋଡିପଡା, ଗୋଛା, ହରିଡାବନ୍ଧ, ଜାକେଡାରେ ହାତୀ ଉପଦ୍ରବ ଥିଲେ ମଧ୍ୟ ବନବିଭାଗର ସହଯୋଗ ମିଳୁନି। ହାତୀ ସମ୍ପର୍କରେ ଲୋକ ଫୋନ କଲେ ନାଇଟ୍ ୱାଚର ଧମକାଉଛନ୍ତି। ଦଶପଲ୍ଲା ରେଞ୍ଜରେ ବନବାସୀଙ୍କୁ ପଟ୍ଟା ଦେବାରେ ବନବିଭାଗ ହଇରାଣ କରୁଛି। ଜଙ୍ଗଲ ଅଧିକାର ଆଇନରେ ପଟ୍ଟା ପାଇଁ ବନବସୀମାନେ ହଇରାଣ ହେଉଛନ୍ତି। ୨ବର୍ଷ ଭିତରେ ୧୨୩୯ ପଟ୍ଟା ଦେବା ପାଇଁ ଟାର୍ଗେଟ ଥିବାବେଳେ ମାତ୍ର ୨୦୦ ଆବେଦନ ମଞ୍ଜୁର ହୋଇଛି। ପାରମ୍ପରିକ ସୀମାକୁ ଆୟୁଧ କରି ବନବାସୀଙ୍କୁ ହଇରାଣ କରାଯାଉ ନ ଥିବାରୁ ପାଠପଢ଼ା, ଜାତିଗତ ସାର୍ଟିଫିକେଟ, ଆବାସ ଯୋଜନାରେ ଘର ମିଳୁନି। ସରକାର ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ସ୍ୱତନ୍ତ୍ର ଅନୁଦାନ ଦେବା ସତ୍ତ୍ୱେ ବନବିଭାଗ ବହୁ ବିଳମ୍ବରେ ଆସୁଛି। ଲୋକେ ନିଆଁ ଲିଭାଉଛନ୍ତି। ଜଙ୍ଗଲରେ ଖାଦ୍ୟ, ଜଳ ନ ଥିବାରୁ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଥିଲେ ମଧ୍ୟ ବନବିଭାଗର ପଦକ୍ଷେପ ନାହିଁ। ଜଙ୍ଗଲରେ ବସବାସ କରୁଥିବା ଗାଁରେ ବିଦ୍ୟୁତ୍ ଓ ରାସ୍ତା ନାହିଁ। ବନବିଭାଗ ନିଜ ପାଇଁ ରାସ୍ତା କରୁଛି ହେଲେ ବନବାସୀ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଝାଡେଶ୍ୱରୀ ଇକୋ ଟୁରିଜିମରେ ୬୫ ଲକ୍ଷ ଖର୍ଚ୍ଚ ସତ୍ତ୍ୱେ ସୁଫଳ ମିଳୁନି। ସେହିଭଳି ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ଚମ୍ପାପେଡି, ମହତପଲ୍ଲା, ମଝିଆଖଣ୍ଡ, ଗୋପାଳପୁର ପଞ୍ଚାୟତରେ ହାତୀ ଫସଲ ନଷ୍ଟ କରୁଥିଲେ ମଧ୍ୟ ଟ୍ରେଞ୍ଚ ଖୋଳା ଯାଉନି। ପୁଣି ବନବିଭାଗର ସହାୟତା ମିଳୁନି ବୋଲି ଅଭିଯୋଗ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରାଜଲକ୍ଷ୍ମୀ


@ ନିର୍ବିକଳ୍ପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କମେଇ ନଦୀରୁ ମହିଳାଙ୍କ ମୃତଦେହ ଜବତ

ଖଣ୍ଡପଡ଼ା,୧୪।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଓ ଫତେଗଡ଼ ଥାନା ସୀମାନ୍ତ କଣ୍ଟିଲୋ ଫାଣ୍ଡି ନିକଟରେ ପ୍ରବାହିତ କମେଇ ନଦୀରେ ଜଣେ ମହିଳାଙ୍କ ମୃତଦେହ ବୁଧବାର ସକାଳେ ଭାସୁଥିଲା। ଏ ସଂକ୍ରାନ୍ତରେ ଖବର ପାଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ, ସହକାରୀ ମନୋରଞ୍ଜନ ପଣ୍ଡା ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ। ଅପରାହ୍ନରେ ମୃତକଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତକ ହେଲେ ଇଟାମାଟି ଥାନା ଅଧୀନ ହରିପୁର ଗଦାଧରପ୍ରସାଦ ଗ୍ରାମର ହୁଲାସ ପ୍ରଧାନ(୫୮)। ସେ କୁସୁମୀ ନଦୀକୁ ସ୍ନାନ କରିବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ସ୍ରୋତରେ ଭାସି ଯାଇଥିଲେ। ଗତ ୫ଦିନ ହେବ ସେ ନିଖୋଜ ଥିଲେ ବୋଲି ହୁଲାସଙ୍କ ପୁଅ ଅରୁଣ ପ୍ରଧାନ କହିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ପଠାଇଛି।

## ଫ୍ୟାନ୍‌ରେ ଝୁଲି ଛାତ୍ରଙ୍କ ଆତ୍ମହତ୍ୟା

ଓଡ଼ଗାଁ,୧୪।୮(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୋମଣ୍ଡସ୍ଥିତ ଘରୋଇ ବୃତ୍ତି ତାଲିମ କେନ୍ଦ୍ରରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଫତେଗଡ ଥାନା ମାଧପୁର ଗ୍ରାମର ସୌମ୍ୟରଞ୍ଜନ ମୁଦୁଲି(୧୯)। ସେ ମଙ୍ଗଳବାର ରାତିରେ ଛାତ୍ରାବାସ ଫ୍ୟାନରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ବୁଧବାର ଭୋର ସମୟରେ ସହପାଠୀମାନେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୪) ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଗୁରୁବାର ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯିବ ବୋଲି ପୋଲିସ କହିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳଖିଆ ଦୋକାନୀ ମୃତ

ଓଡ଼ଗାଁ,୧୪।୮(ଆଦର୍ଶ କୁମାର ପଟ୍ଟନାୟକ)

ସ୍ଥାନୀୟ ଗୋଡିପଲ୍ଲୀ ଛକରେ ଜଳଖିଆ ଦୋକାନ କରିଥିବା ପ୍ରମୋଦ ପ୍ରଧାନ(୩୦)ଙ୍କ ବୁଧବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ପ୍ରମୋଦ ବାପାଙ୍କ ସହିତ ମିଶି ଗାଁ ଛକରେ ଜଳଖିଆ ଦୋକାନ କରିଥିଲେ। ସେ କ୍ୟାବିନ ଚାଳିଆ ଉପରେ ଚଢ଼ି ଜରିପାଲ ସଜାଡି ତଳକୁ ଓହ୍ଲାଉଥିଲେ। ଏହି ସମୟରେ ଦୋକାନ ଭିତରେ ପୋତାଯାଇଥିବା ଏକ ଜିଆଇ ପାଇପ୍‌କୁ ଧରିଦେବାରୁ ବିଦ୍ୟୁତ୍ ଆଘାତ ପାଇ ଗୁରୁତର ହୋଇଥିଲେ। ତାଙ୍କୁ ଏକ ଅଟୋରିକ୍ସାରେ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ଷା ଯୋଗୁ ଉକ୍ତ ପାଇପ୍‌ରେ ବିଦ୍ୟୁତ୍ ଚାର୍ଜ ହୋଇଥିବା ଅନୁମାନ କରାଯାଉଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୦୨୪) ରୁଜୁ କରିଛି।



ବୁଧବାର ଦଶପଲ୍ଲାରେ ଆୟୋଜିତ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ପ୍ରଶାସନିକ ଅଧିକାରୀ।

## ଇଟାମାଟିରେ ଚୋରି ଅଭିଯୋଗ

ନୟାଗଡ଼,୧୪।୮(ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲା ଇଟାମାଟି ଥାନାର ଇଟାମାଟିରୁ ମଙ୍ଗଳବାର ରାତିରେ ୨ଟି ଚୋରି ହୋଇଛି । ଇଟାମାଟି କଲେଜ ପାଖ ସାହିର ଜଳନ୍ଧର ମହାନ୍ତି ଙ୍କ ଘରୁ ପ୍ରାୟ ୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଏକଡାଳିଆ ସାହିର ରାକେଶ ପରିଡ଼ାଙ୍କ ଘରୁ ସୁନାର କାନଫୁଲ, ମଙ୍ଗଳ ସୁତ୍ର ଓ ମୁଦି ସହ ୫୦ ହଜାର ଟଙ୍କା ଚୋରି ହୋଇଛି । ଘରର ଲୋକମାନେ ଶୋଇଥିବାବେଳେ ଚୋରି ହୋଇଛି । ରାକେଶଙ୍କ ଅଭିଯୋଗ କ୍ରମେ ଏକ ମାମଲା(ନଂ.୧୭୧/୨୪) ଓ ଜଳନ୍ଧରଙ୍କ ଅଭିଯୋଗ କ୍ରମେ ଆଉ ଏକ ମାମଲା(ନଂ.୧୭୨/୨୪)ରୁଜୁ ହୋଇଛି। ପୋଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଛି।

## ଓଡ଼ିଶା ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ ପାଇଁ ପ୍ରସ୍ତାବ

ନୟାଗଡ଼,୧୪।୮(ଲୋକନାଥ ମିଶ୍ର)

ଜାନୁଆରୀ ୨୬, ଅଗଷ୍ଟ ୧୫ ପରି ଏପ୍ରିଲ ୧ ଓଡ଼ିଶା ଦିବସକୁ ସାରା ରାଜ୍ୟରେ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ନୟାଗଡ଼ ଜିଲା ପରିଷଦରେ ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ନୟାଗଡ଼ ଚିନିକଲକୁ ଚାଲୁ କରିବା, ନୟାଗଡ଼ରେ ମେଡିକାଲ କଲେଜ, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଅନୁରୂପ ପ୍ରସ୍ତାବ ଜିଲା ପରିଷଦରେ ଗୃହିତ ହୋଇଛି। ନୟାଗଡ଼ର ପୂର୍ବତନ ମନ୍ତ୍ରୀ ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତିକୁ ସରସ ସୁନ୍ଦର କରାଇବା, ଜିଲା ପ୍ରତିଷ୍ଠା ପାଇଁ ଅବଦାନ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଜିଲା ମୁଖ୍ୟାଳୟରେ ସ୍ଥାପନ କରିବାକୁ ଅନୁରୂପ ପ୍ରସ୍ତାବ ଜିଲା ପରିଷଦରେ ଗୃହିତ ହୋଇଛି।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ରଣପୁର,୧୪।୮(ସୁକାନ୍ତ କିଶୋର ଡାକୁଆ)

ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରଣପୁରଠାରେ ତ୍ରିରଙ୍ଗା ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଯୁବନେତା ପ୍ରିୟବ୍ରତ ପ୍ରହରାଜ ଏହାର ନେତୃତ୍ୱ ନେଇଥିଲେ । ପ୍ରଥମେ ରଣପୁର ପଞ୍ଚଦୋଳ ପଡ଼ିଆରେ ଥିବା ଶହୀଦ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯିବା ପରେ ଏହି ଯାତ୍ରା ଆରମ୍ଭ କରାଯାଇଥିଲା । ଏଥିରେ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କ ସହିତ ବହୁ ଯୁବକ ସାମିଲ ହୋଇଥିଲେ । ଏହି ଅବସରରେ ରଣପୁର ନିର୍ବାଚନ ମଣ୍ଡଳୀରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାଜପା ଅଫିସଠାରୁ ଏକ ବିଶାଳ ପଦଯାତ୍ରା ବାହାରି ପଞ୍ଚଦୋଳ ପଡ଼ିଆରେ ପହଞ୍ଚିଥିଲା। ସେହିପରି ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ୍ୟ ରଙ୍ଗିନ ମହାନ୍ତିଙ୍କ ନେତୃତ୍ୱରେ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ସହିତ ସ୍ଥାନୀୟ ଅଞ୍ଚର ବୁଦ୍ଧିଜୀବୀ ଏହି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ।

## ୯ ଭିନ୍ନକ୍ଷମଙ୍କୁ ସ୍କୁଟି ବଣ୍ଟନ

ନୟାଗଡ଼,୧୪।୮(ଲୋକନାଥ ମିଶ୍ର)

ପୂର୍ବତନ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ହାତପାଣ୍ଠିରୁ ୯ ଜଣ ଭିନ୍ନକ୍ଷମଙ୍କୁ ଜିଲା ପରିଷଦ ସମ୍ମିଳନୀ କକ୍ଷ ସମ୍ମୁଖରେ ୯ ସ୍କୁଟି ବୁଧବାର ବଣ୍ଟନ କରାଯାଇଛି । ପୁରୀ ଏମ୍‌ପି ସମ୍ବିତ ପାତ୍ର ସ୍କୁଟି ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରଣପୁର ନିର୍ବାଚନ ମଣ୍ଡଳୀ ଓଡ଼ଗାଁ ବ୍ଲକ ଶିଖରପୁର ଗ୍ରାମର ଶିବରାମ ପାତ୍ର, ମଗରବନ୍ଧ ପଞ୍ଚାୟତର ଫାସିପଲ୍ଲୀ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ, କୁରାଡ଼ିଘଷା ଗ୍ରାମର ପ୍ରତାପ କୁମାର ବାରିକ, ଜାମ୍ବୁସାହି ଗ୍ରାମର ଖଗେଶ୍ୱର ପାଣିଗ୍ରାହୀ, ନୟାଗଡ଼ ନିର୍ବାଚନ ମଣ୍ଡଳୀ ନୟାଗଡ଼ ବ୍ଲକ ଟିପୁରା ଗ୍ରାମର ରାଜକିଶୋର ସ୍ୱାଇଁ, ବୋଦାପଡ଼ା ଗ୍ରାମର ପଞ୍ଚାନନ ମହାପାତ୍ର, ଦୁର୍ଗାପ୍ରସାଦ ଗ୍ରାମର ନବୀନ ବେହେରା, କ୍ରିଦାଶପୁର ପଞ୍ଚାୟତ ଡିମିରିପାଟଣା ଗ୍ରାମର କିଶୋର ଚନ୍ଦ୍ର ଦାସ, ଜେମାଦେଈପୁରପାଟଣା ଗ୍ରାମ ପଞ୍ଚାୟତର ଲାଉସେଣା ଗ୍ରାମର କବିରାଜ ସ୍ୱାଇଁଙ୍କୁ ସ୍କୁଟି ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପୁରୀ ଏମ୍‌ପି ସମ୍ବିତ ପାତ୍ର, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ,ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।


କଟକ ଓ ପୁରୀ ଏମ୍‌ପି ଭିନ୍ନକ୍ଷମଙ୍କୁ ସ୍କୁଟି ପ୍ରଦାନ କରୁଛନ୍ତି।

## ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ବୈଠକ

### ଶୂନ୍ୟଜୟୀ ମିଶ୍ର ସଭାପତି, ବସୁଦେବ ମହାନ୍ତି ସମ୍ପାଦକ

ନୟାଗଡ,୧୪।୮(ଲୋକନାଥ ମିଶ୍ର)

ନୂଆ କରି ଗଠନ କରାଯାଇଥିବା ନୟାଗଡ଼ ଜିଲା ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟିର ଦ୍ୱିତୀୟ ସାଧାରଣସଭା ନୟାଗଡ଼ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ୧୧ ଜଣିଆ ସ୍ଥାୟୀ ପରିଚାଳନା କମିଟି ମନୋନୟନ କରାଯାଇଛି। ଶ୍ରମିକନେତା ଶୂନ୍ୟଜୟୀ ମିଶ୍ର ସଭାପତି ହୋଇଥିବାବେଳେ ବରିଷ୍ଠ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଉପସଭାପତି ଓ ଯୁବ ସଙ୍ଗଠକ ବସୁଦେବ ମହାନ୍ତି ସାଧାରଣ ସମ୍ପାଦକ ଭାବେ ମନେନୀତ ହୋଇଛନ୍ତି। ସେହିପରି ସମରେନ୍ଦ୍ର ଦାସ ସହସମ୍ପାଦକ, ରମେଶ ଚନ୍ଦ୍ର ପଣ୍ଡା କୋଷାଧକ୍ଷ ଏବଂ ପ୍ରମୋଦ ମହାରଣା, ରଘୁନାଥ ମହାରଣା, ସଞ୍ଜୟ ଦାସ, ସବିତାରାଣୀ ସାଥୁଆ, ପବିତ୍ର ମହାପାତ୍ର, ସନ୍ତୋଷ ନାୟକଙ୍କୁ ଏକ୍‌ଜିକ୍ୟୁଟିଭ ମେମ୍ବରଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜିଲା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ସୁପରିଚାଳନା, ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଏକ ମିଳିତ ଆଲୋଚନା ନିମନ୍ତେ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ ଦାବିପତ୍ର ଗ୍ରହଣ କରିବା ସହ ଆସନ୍ତା ୧୬ତାରିଖ ଅପରାହ୍ନ ୩ଟାରେ ଆଲୋଚନା କରିବା ନିମନ୍ତେ କମିଟିକୁ ନିମନ୍ତ୍ରଣ କରିଛନ୍ତି।



## ଖଣ୍ଡପଡ଼ା-ଫତେଗଡ଼ ରାସ୍ତା ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଖଣ୍ଡପଡ଼ା,୧୪।୮ (ଅଜୟ କୁମାର ମହାରଣା)

ଖଣ୍ଡପଡାରୁ ଫତେଗଡ଼କୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଭର୍ତ୍ତୃହରି ମହତାବ ଓ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଖଣ୍ଡପଡ଼ା ପରିଦର୍ଶନ ବଙ୍ଗଳା ନିକଟରେ ରାସ୍ତା ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୨୪ କୋଟି ଟଙ୍କା ବ୍ୟୟରେ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ କରାଯିବ ବୋଲି ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କଠାରୁ ସୂଚନା ମିଳିଛି। ଆସନ୍ତା ୬ ମାସ ଭିତରେ ରାସ୍ତା କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୁତ୍ରରୁ ସୂଚନା ମିଳିଛି।

## ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଉପେକ୍ଷିତ

### ସ୍ୱତନ୍ତ୍ର ଦୃଷ୍ଟି ପାଇଁ ବିଧାୟକ ରଖିଲେ ପ୍ରସ୍ତାବ

ନୟାଗଡ଼,୧୪।୮(ଲୋକନାଥ ମିଶ୍ର)

ନୟାଗଡ ଜିଲାରେ ୪ଟି ନିର୍ବାଚନ ମଣ୍ଡଳୀ ରହିଥିବାବେଳେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଉପେକ୍ଷିତ ଓ ଅବହେଳିତ ହୋଇ ରହିଛି। ଜଗନ୍ନାଥଙ୍କ ଆଦିପୀଠ ଓ ପଠାଣୀ ସାମନ୍ତଙ୍କ ଜନ୍ମପୀଠ ହୋଇ ମଧ୍ୟ ଏହା ଅଣଦେଖା ହୋଇ ପଡିଛି। ଜିଲା ସଦର ମହକୁମାଠାରୁ ୧୯ କିମି ଦୂରରେ ଥାଇବି ଏହାର ଉନ୍ନତି ଠିକରେ ହୋଇ ପାରିନି। ଏଣୁ ଖଣ୍ଡପଡା ନିର୍ବାଚନ ମଣ୍ଡଳୀକୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ପାଇଁ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ୭ମ ଜିଲା ପରିଷଦ ବୈଠକରେ ପ୍ରସ୍ତାବ ରଖି ବାଚସ୍ପତି, ଏମ୍‌ପି, ବିଧାୟକ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଠାରେ ପଠାଣୀ ସମାନ୍ତ ପ୍ଲାନୋଟୋରିୟମର ଆବଶ୍ୟକତା ରହିଛି। ପୁଣି ପାନ୍ଥଶାଳା ଓ ସାଇନ୍ସ ପାର୍କ କରାଯିବା ଦରକାର। କଣ୍ଟିଲୋରେ କଂସା ପିତଳ କାମ ବନ୍ଦ ହୋଇ ଯାଇଥିବାବେଳେ ଏହା ପ୍ରତି ଦୃଷ୍ଟି ଦିଆଯାଉ। ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ମ୍ୟୁଜିୟମକୁ ଦୃଷ୍ଟି ଦିଆଯାଉ। ସ୍ୱାସ୍ଥ୍ୟସେବା ଭୁଶୁଡି ପଡିଛି। ଡାକ୍ତର ନାହାନ୍ତି। ରୋଗୀ ସେବା ପାଉ ନାହାନ୍ତି। ଖଣ୍ଡପଡା ମିନି ଷ୍ଟାଡିୟମରେ ହେଲିକ୍ୟାପ୍ଟର ଓହ୍ଲାଇବା ପରେ ଏହା ପରିତ୍ୟକ୍ତ ହୋଇ ପଡି ରହିଛି। ଏହାର ପୁନରୁଦ୍ଧାର କରାଯିବା ଦରକାର। କଣ୍ଟିଲୋ, ବାଇଗୁଣିଆରେ ମିନି ଷ୍ଟାଡିୟମ କରାଯିବା ଦରକାର। କଣ୍ଟିଲୋ ଫାଣ୍ଡିକୁ ଥାନାର ମାନ୍ୟତା ଦିଆଯିବା ଉପରେ ସେ ଗୁରୁତ୍ୱାରେପ କରିଥିଲେ । ହନୁମନ୍ତିଆ, ଯୋଗିଯୋଗିଆଣି ପୀଠ ପରି ଅନେକ ପୀଠ ରହିଥିଲେ ବି ଏଠାରେ ଇକୋ ଟୁରିଜିମ ପ୍ରତିଷ୍ଠା କରାଯାଇନି। ପୁଣି ବିଭିନ୍ନ ଝରଣା ଥିଲେ ବି ଏହାକୁ ୱାଟର ହାର୍ଭେଷ୍ଟିଂ କରାଯାଉନାହି। ବର୍ଷା ହେଲେ ମଣିପୁର ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡୁଛି। ଡଙ୍ଗା ନ ହେଲେ ଗାଁକୁ ଯାଇ ହେଉନି। ମଣିପୁର ବିଭିନ୍ନ ସମୟରେ ଜଳବନ୍ଦି ରହୁଥିବାରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ସ୍ଥାୟୀ ପ୍ରତିକାର କରାଯାଉ। ସ୍କୁଲରେ ଶିକ୍ଷକ ରହୁନ ନାହାନ୍ତି। ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଉ ବୋଲି ସେ କହିଥିଲେ ।

## ଛୁଟି ପୂର୍ବ ଓ ପରଦିନ ସରକାରୀ ଅଧିକାରୀ ଭୁବନେଶ୍ୱରରେ

ରାଜ୍ୟ ରାଜଧାନୀଠାରୁ ନୟାଗଡ଼ର ଦୂରତା ୧୦୦ କିମି ହୋଇଥିବାବେଳେ ଏହାର ଅଧିକାରୀ ଓ କର୍ମଚାରୀ ଛୁଟି ପୂର୍ବଦିନ ଓ ପରଦିନ ଭୁବନେଶ୍ୱରରେ ବିତାଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ୭ମ ଜିଲା ପରିଷଦ ବୈଠକରେ ଆଣି ଜିଲାପାଳ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ବିଧାୟକଙ୍କ ଅଭିଯୋଗ ଅନୁସାରେ ଛୁଟି ପୂର୍ବ ଦିନ ଅଧାରୁ ଛୁଟି ପରଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ଭୁବନେଶ୍ୱରରେ ରହୁଛନ୍ତି। ଏହା ଦ୍ୱାରା ଜିଲାର ବିକାଶରେ ବାଧା ଉପୁଜୁଛି ବୋଲି କହିଥିଲେ।

